## ସଂକ୍ଷେପରେ

### ଭାଜପାର ଖଣି ବନ୍ଦ ଆନ୍ଦୋଳନ

କଣିହାଁ, ୨୫।୭(ଡି.ଏନ.ଏ.)- ତାଳଚେର ଭରତପୁର କୋଇଲା ଖଣିରେ ବୁଧବାର ଅତଡା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିବା ଓ ଆଉ ୩ ଜଣଙ୍କ ପତ୍ତା ନ ମିଳିବା ଘଟଣା ପରେ ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ଦାବି କରି ଭାଜପା ପକ୍ଷରୁ ଗୁରୁବାର କଣିହାଁଠାରେ ଖଣି ବନ୍ଦ ଆନ୍ଦୋଳନ କରାଯାଇଛି। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କ ଆହ୍ୱାନ କ୍ରମେ ଦଳୀୟ କର୍ମୀଙ୍କ ସହ ବ୍ଲକ ଅଧକ୍ଷା ନମିତା ସାହୁ, ସରପଞ୍ଚ ଲୋକନାଥ ସାହୁ, ସମିତି ସଭ୍ୟ ଦେବେନ୍ଦ୍ର ବାରିକ, କର୍ଣ୍ଣ ଭୂତିଆ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଚାଲିଥିଲା। ଆଇଆଇସି ପ୍ରଭାତ ତ୍ରିପାଠୀ କହିଛନ୍ତି, ଖଣି ବନ୍ଦ ଆନ୍ଦୋଳନ ଚାଲିଛି। ସ୍ଥିତି ସ୍ୱାଭାବିକ ପାଇଁ ତାଳଚେରରେ ଆଲୋଚନା ଚାଲିଛି।

### ପ୍ରଧାନମନ୍ତ୍ରୀ ଫସଲବୀମା ସଚେତନତା

ବଅଁରପାଳ, ୨୫।୭(ଡି.ଏନ.ଏ.)- ବଅଁରପାଳ ବ୍ଲକ ତୁଳସୀପାଳଠାରେ ପ୍ରଧାନମନ୍ତ୍ରୀ ଫସଲବୀମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ କୃଷି କର୍ମଚାରୀ ଝୁନାରାଣୀ ସାହୁ ସଭାପତିତ୍ୱ କରି ଫସଲବୀମା ଓ ଏହାର ଉପକାରିତା ଉପରେ ଲୋକଙ୍କୁ ବୁଝାଇଥିଲେ। ଲୋକେ କିଭଳି ଏହି ଯୋଜନାର ସୁବିଧା ନେଇପାରିବେ ସେ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କୃଷକ ସାଥି ବାବିନ୍ଦ୍ର ବିଶ୍ୱାଳ, ସତ୍ୟବ୍ରତ ସାହୁ, ଚାଷୀ ରାଜକିଶୋର ସାହୁ, ଚୈତନ୍ୟ ସାହୁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସରପଞ୍ଚ ଲୋକନାଥ ସାହୁ ଓ ଯୁବନେତା ବିକାଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ୨ ଗୋଷ୍ଠୀ ମୁହାଁମୁହିଁ

ଛେଣ୍ଡିପଦା, ୨୫।୭(ଡି.ଏନ.ଏ.) ଛେଣ୍ଡିପଦା ବ୍ଲକ ଜରପଡା ଥାନା କତଡା ପଞ୍ଚାୟତ ଅଧୀନ ଧଉରାବଣି କୋଡାସାହି ୧ନଂ.ୱାର୍ଡର ବହୁ ପୁରାତନ ଗ୍ରାମ ରାସ୍ତାକୁ ଗୁରୁବାର କେତେଜଣ ବ୍ୟକ୍ତି ନିଜ ଜାଗା ବୋଲି ଦର୍ଶାଇ କଣ୍ଟାବାଡ ଦେଇ ଅବରୋଧ କରିଥିଲେ। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଧଉରାବଣି କୋଡାସାହିରେ ବହୁ ବର୍ଷ ହେଲା ଏକ ସ୍ଥାୟୀ ଗ୍ରାମ ରାସ୍ତା ରହିଛି। ବ୍ଲକ ପ୍ରଶାସନ ପକ୍ଷରୁ ଉପରୋକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଅର୍ଥ ମଧ୍ୟ ମଞ୍ଜୁର କରାଯାଇଛି। ତଦନୁଯାୟୀ ବ୍ଲକ ପ୍ରଶାସନ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର କତଡା ଗ୍ରାମର କେତେଜଣ ବ୍ୟକ୍ତି ସେମାନଙ୍କ ବ୍ୟକ୍ତିଗତ ରେକର୍ଡ ଜାଗା ଥିବା ଦର୍ଶାଇ ସକାଳେ ରାସ୍ତା ଅବରୋଧ କରିଥିଲେ। ପରେ ଗ୍ରାମବାସୀ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାରୁ ଏ ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ କରାଯବ ବୋଲି ଗ୍ରାମ ସଭାପତି କରୁଣା ପଧାନ, ସମ୍ପାଦକ ହରି ପଧାନ, କୃପାସିନ୍ଧୁ ପଧାନ, ଦେବ ପଧାନ, ଯୁଗଳ ପଧାନ, ଗଣେଶ୍ୱର ସାହୁ, ହର ମନହୀରା, ବନିତା ସାହୁ, ଚିନା ପଧାନ, ପ୍ରତିମା ପଧାନ, ପାଞ୍ଚାଳି ପଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

■ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ଚଳିତ ବର୍ଷ ଦୁର୍ଘଟଣା ନେଇଛି ୮୮ ଜୀବନ

ଅନୁଗୋଳ ଅଫିସ, ୨୫।୭

ରାସ୍ତା ଦୁର୍ଘଟଣା ନିୟନ୍ତ୍ରଣ ଓ ଏଥିଜନିତ ମୃତ୍ୟୁ ସଂଖ୍ୟା କମାଇବା ଉପରେ ଗୁରୁବାର ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲାପାଳ ମନୋଜ କୁମାର ମହାନ୍ତି ଗୁରୁତ୍ୱ ଦେଇଛନ୍ତି। ଚଳିତ ବର୍ଷ ଜିଲାରେ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୮୮ ଜଣଙ୍କ ମୃତ୍ୟୁ ଘଟିଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏପରି କି ରନ୍ତଲେଇଠାରୁ ଭୂଷଣ ପର୍ଯ୍ୟନ୍ତ ରାଜରାସ୍ତା ମରଣଯନ୍ତା ପାଲଟିଥିବା ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଢେଙ୍କାନାଳରୁ ସମ୍ବଲପୁର ଯାଇଥିବା ଜାତୀୟ ରାଜପଥରେ ୧୯ଟି ବ୍ଲାକ ସ୍ପଟ୍ ଚିହ୍ନଟ ହୋଇଥିବା ଜାତୀୟ ରାଜପଥ ପକ୍ଷରୁ କୁହାଯାଇଛି।

ବୈଠକରୁ ଜଣାପଡିଛି, ଜିଲାରେ ବିଭିନ୍ନ ରାସ୍ତାରେ ଘଟିଥିବା ଦୁର୍ଘଟଣାରେ ୨୦୧୮ ଜାନୁୟାରୀ ୧ ତାରିଖରୁ ଡିସେମ୍ବର ୩୧ ମଧ୍ୟରେ ସମୁଦାୟ ୪୬୦ଟି ଦୁର୍ଘଟଣା ଘଟି ୪୪୨ ଜଣ ଆହତ ହୋଇଥିବାବେଳେ ୨୧୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଚଳିତ ବର୍ଷ ଜାନୁୟାରୀ ୧ରୁ ମେ ୩୧ ମଧ୍ୟରେ ୧୮୧ ଦୁର୍ଘଟଣା ଘଟି ୧୫୭ ଜଣ ଆହତ ହୋଇଥିବାବେଳେ ୮୮ ଜଣଙ୍କ ମୃତ୍ୟୁ ଘଟିଥିବା ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଧନଞ୍ଜୟ ସେନାପତି ସୂଚନା ଦେଇଥିଲେ। ବିଶେଷ କରି ୫୫ ନମ୍ବର ଜାତୀୟ ରାଜପଥର ରନ୍ତଲେଇଠାରୁ



ସଡ଼କ ସୁରକ୍ଷା କମିଟି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ଭୂଷଣ ପର୍ଯ୍ୟନ୍ତ ରାସ୍ତାରେ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏହି ରାସ୍ତାର ମରାମତି କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ ଢେଙ୍କାନାଳକୁ ବାରମ୍ବାର ଅନୁଗୋଳ ଜିଲାପାଳ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଜାତୀୟ ରାଜପଥ ଓ ଏହାର ଶାଖା ରାସ୍ତାଗୁଡ଼ିକରେ ହମ୍ପସ ବଦଳରେ ରମ୍ବଲର୍ସ ପ୍ରତିଷ୍ଠା କରିବା ସହ ସାଙ୍କେତିକ ଚିହ୍ନ ଓ ରାସ୍ତା ମଝିରେ ଧଳା ଟ୍ରାକ କରିବାକୁ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଉଭୟ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଣିକି ହେଲମେଟ ଯାଞ୍ଚ କଡାକଡି କରାଯାଇ ଅଧିକ ଜରିମାନା ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିନା ହେଲମେଟରେ ବାଇକ୍ ଚାଳକଙ୍କ ଗାଡ଼ି ନମ୍ବରକୁ ସିସିଟିଭି କ୍ୟାମେରାରେ ଟ୍ରାକ୍ କରାଯାଇ ଚାଳକଙ୍କ ଘରକୁ ସମନ ପଠାଯାଇ ଜରିମନା ଆଦାୟ କରାଯିବ ବୋଲି ବୈଠକରେ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଛନ୍ତି। ଆଗାମୀ ଦିନରେ ସହରର ପ୍ରମୁଖ ସ୍ଥାନଗୁଡିକରେ ସିସିଟିଭି ଲଗାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ଜାତୀୟ ରାଜପଥରେ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିପାଇଁ ଜାତୀୟ ରାଜପଥର ପ୍ରତି ୫୦ କିମି ବ୍ୟବଧାନରେ ଆବଶ୍ୟକ ହେଉଥିବା ଗୋଟିଏ ଲେଖାଏଁ ଗାଡ଼ି ଜାତୀୟ ରାଜପଥ ପ୍ରାଧିକରଣ ସମ୍ପୃକ୍ତ ଥାନାକୁ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦ୍ରୁତଗତିରେ ଓ ମଦ୍ୟପାନ କରି ଗାଡ଼ି ଚାଳନା ଉପରେ ରୋକ ଲଗାଯିବାକୁ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ୧୨୩ କିମି ରାସ୍ତା

■କଡ଼ାକଡ଼ି ହେବ ହେଲ୍‌ମେଟ ଯାଞ୍ଚ
■ରନ୍ତଲେଇଠାରୁ ଭୂଷଣ ରାସ୍ତା ମରଣଯନ୍ତା
■ଢେଙ୍କାନାଳରୁ ସମ୍ବଲପୁର ମଧ୍ୟରେ ୧୯ ବ୍ଲାକ୍ ସ୍ପଟ୍

ମଧ୍ୟରେ ୯ଟି ବ୍ଲାକ ସ୍ପଟ୍ ଚିହ୍ନଟ ହୋଇଛି। ଅନୁଗୋଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ୬୧ କିଲୋମିଟର ରାସ୍ତା ମଧ୍ୟରେ ୧୦ଟି ବ୍ଲାକ ସ୍ପଟ୍ ଚିହ୍ନଟ କରାଯାଇଛି। ଏହି ସ୍ଥାନଗୁଡ଼ିକରେ ସାଙ୍କେତିକ ଚିହ୍ନ ଓ ରମ୍ବଲର୍ସ ପ୍ରତିଷ୍ଠା କରାଯାଇଛି ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବସନ୍ତ କୁମାର ପ୍ରଧାନ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ଜିଲା ଟ୍ରକ ମାଲିକ ସଂଘର ସମ୍ପାଦକ ଅକ୍ଷୟ କୁମାର ସାମନ୍ତ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସମ୍ବଲପୁର ଜାତୀୟ ରାଜପଥ ପ୍ରାଧିକରଣ ଜିଏମ ଆର ଭେଙ୍କଟେଶ୍ୱର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣ ଜିଏମ୍ ପିକେ ଭାରତୀ ଓ ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

■ଅନୁଗୋଳରେ ବର୍ଷା, ଲୋକେ ଆଶ୍ୱସ୍ତ

# ଭିଜିଲା ଶୁଖିଲା କ୍ଷେତ



ଅନୁଗୋଳ ଅଫିସ, ୨୫।୭

ଅନୁଗୋଳରେ ଗୁରୁବାର ମଧ୍ୟାହ୍ନରେ ୨ ଘଣ୍ଟା ଧରି ମୂଷଳ ଧାରାରେ ବର୍ଷା ହୋଇଛି। ଏଥିଯୋଗୁ ଲାଗି ରହିଥିବା ଗରମ ଗୁଳୁଗୁଳିରୁ ସହରବାସୀ ମୁକ୍ତି ପାଇଥିବାବେଳେ ଶୁଖିଲା କ୍ଷେତ ଭିଜିବା ଖୁସିରେ ଚାଷୀ ଆଶ୍ୱସ୍ତ ହୋଇଛନ୍ତି। ମଧ୍ୟାହ୍ନ ୨ଟାରୁ ଦୁଇ ଘଣ୍ଟା ଧରି ଜୋରରେ ବର୍ଷା ହୋଇଥିଲା। ଏହାପରେ ରାତି ପର୍ଯ୍ୟନ୍ତ ଝିପ୍ ଝିପ୍ ବର୍ଷା ଲାଗି ରହିଥିଲା। ଏ ନେଇ ଚାଷୀମାନଙ୍କ ମଧ୍ୟରେ ଚାଷ ପାଇଁ ଆଶା ସଞ୍ଚାର ହୋଇଛି। ୪ରୁ ୫ ଦିନ ଲଗାଣ ବର୍ଷା ହେଲେ ଚାଷ କାର୍ଯ୍ୟରେ କୌଣସି ବାଧା ଉପୁଜିବ ନାହିଁ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଅନୁଗୋଳ ଜିଲାର ଆଠମଲ୍ଲିକ, କଣିହାଁ, ତାଳଚେର, ବଅଁରପାଳ, ଅନୁଗୋଳ, ଛେଣ୍ଡିପଦା ଓ କିଶୋରନଗର ବ୍ଲକରେ ମରୁଡ଼ି ପରିସ୍ଥିତି ଉପୁଜିଥିଲା। ଜୁନ୍ ମାସରେ ଆଶା ଅନୁଯାୟୀ ବର୍ଷା ହୋଇ ନ ଥିବାବେଳେ ଜୁଲାଇ ମାସ ଅଧା ପର୍ଯ୍ୟନ୍ତ ମଧ୍ୟ ବର୍ଷାର ଦେଖା ନ ଥିଲା। ଏଥିଯୋଗୁ ଚାଷ କାର୍ଯ୍ୟ ଅଟକି ଯାଇଥିଲା। ଏବେ ଜମିରେ ପାଣି ପଡ଼ିବାରୁ ଚାଷୀମାନେ କ୍ଷେତରେ ସାର ପକା କାର୍ଯ୍ୟ ଆରମ୍ଭ କରିବେ। ଜିଲାରେ ଆବଶ୍ୟକ ମୁତବକ ୟୁରିଆ ମହଜୁଦ ଥିବା ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କୁହାଯାଇଛି। ଜିଲାରେ ୫ହଜାର ୫ଶହ ମେଟ୍ରିକ ଟନ୍ ୟୁରିଆ ସାର ଆବଶ୍ୟକ ପଡୁଥିବାବେଳେ ବର୍ତ୍ତମାନ ସୁଦ୍ଧା ଜିଲାରେ ଅଢ଼େଇରୁ ୩ ହଜାର ମେଟ୍ରିକ୍ ଟନ୍ ସାର ମହଜୁଦ୍ ରହିଛି। ସେହିପରି ଜିଲାରେ ବର୍ତ୍ତମାନ ସୁଦ୍ଧା ୧୪ ହଜାର ୯୮୨ ଜଣ ଅଣରଣୀ ଚାଷୀ ସେମାନଙ୍କ ନାମ ପଞ୍ଜୀକୃତ କରିଥିବା ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ୪ ହଜାର ୫୪୨ ଅଣରଣୀ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସାମିଲ ହୋଇଥିଲେ। ଚଳିତବର୍ଷ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହୋଇଥିବା ଚାଷୀମାନେ ହେକ୍ଟର ପିଛା ୧୨ଶହ ୩ଟଙ୍କା ୮୦ ପଇସା ହିସାବରେ ସାମିଲ କରାଯାଇଥିବା ସୂଚନା ମିଳିଛି।

■୧୪ ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ

# ଉପାସରେ ଫେରୁଛନ୍ତି ଛାତ୍ରୀଛାତ୍ର

ବଇଣ୍ଡା, ୨୫।୭(ଡି.ଏନ.ଏ.)

ଛାତ୍ରୀଛାତ୍ରଙ୍କୁ ସ୍କୁଲମୁହାଁ କରିବା ପାଇଁ ସରକାର ମଧ୍ୟାହ୍ନଭୋଜନ ଯୋଜନା ପ୍ରଚଳନ କରିଛନ୍ତି। ଏଥିପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଅଧିକାଂଶ ବିଦ୍ୟାଳୟରେ ପ୍ରଶାସନିକ ଅଧିକାରୀଙ୍କ ତଦାରଖ ହେଉ ନ ଥିବା ଯୋଗୁ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ, ଯାହାର ଉଦାହରଣ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ତପଡ଼ା ପଞ୍ଚାୟତ ମଇମୁରା କ୍ଲଷ୍ଟର ଅଧୀନରେ ଥିବା ଗୋପୀନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ନ ଥିବା ଯୋଗୁ ୧୪ ଦିନ ହେଲା ରୋଷେଇ ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ବିଦ୍ୟାଳୟରେ ଚାଉଳ ନ ଥିବା ଯୋଗୁ ୧୨ ତାରିଖରୁ ରୋଷେଇ ବନ୍ଦ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ଉପାସରେ ଘରକୁ ଫେରୁଛନ୍ତି। ସେହିପରି କେତେକ ଛାତ୍ରୀଛାତ୍ର ଘରୁ ଭାତ ଧରି ଆସୁଥିବା ଦେଖିବାକୁ ମିଳୁଛି। ଏ ନେଇ ଅଭିଭାବକମାନେ ବିଦ୍ୟାଳୟକୁ ଶୀଘ୍ର ଚାଉଳ ଯୋଗାଇ ଦେବା ପାଇଁ ଆଠମଲ୍ଲିକ ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗକୁ ଅବଗତ କରାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଦ୍ୟାଳୟ ଭାରପ୍ରାପ୍ତ ଶିକ୍ଷକ ରୋହିତ କୁମାର ଦେହୁରୀ କୁହନ୍ତି, ଚାଉଳ ଯୋଗାଇ ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସିଆରସିସିଙ୍କୁ ଅବଗତ କରାଯାଇଛି। ସିଆରସିସି ବିରଞ୍ଚି ନାୟକ କହିଛନ୍ତି, ଚାଉଳ ଯୋଗାଇ ଦେବା ପାଇଁ ଏବିଇଓଙ୍କୁ ଅବଗତ କରାଇଛି। ହେଲେ ଚାଉଳ ଆସୁନାହିଁ। ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ କୁହନ୍ତି, ମଇମୁରା ପଞ୍ଚାୟତ ପରିଦର୍ଶନରେ ଯାଇଥିବାଳେ ଏ ସମ୍ପର୍କରେ ଅଭିଯୋଗ ହୋଇଥିଲା। ତୁରନ୍ତ ଚାଉଳ ଯୋଗାଇ ଦେବା ପାଇଁ ଏବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଅଣ୍ଡାଦିଆ କୁକୁଡ଼ା ପାଳନ ତାଲିମ

ବଅଁରପାଳ, ୨୫।୭(ଡି.ଏନ.ଏ.)

ବଅଁରପାଳ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ବାଡ଼ି ଅଗଣାରେ ଅଣ୍ଡାଦିଆ କୁକୁଡ଼ା ପ୍ରଦାନ ଓ ଏହାର ପାଳନ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ଓ ପ୍ରାଣୀ ଚିକିତ୍ସା ବିଭାଗ ସହାୟତାରେ ଆୟୋଜିତ ଏହି ଶିବିରରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଅଣ୍ଡାଦିଆ କୁକୁଡ଼ା ପାଳନ ଓ ଏଥିରୁ କିଭଳି ସ୍ୱୟଂ ସହାୟକ ଗୋଷ୍ଠୀମାନେ ଲାଭବାନ ହୋଇପାରିବେ ସେ ଉପରେ କହିଥିଲେ। ପ୍ରତ୍ୟେକ ସ୍ୱୟଂସହାୟକ ଗୋଷ୍ଠୀକୁ ୨ ଶହ କୁକୁଡ଼ା ଚିଆଁ ପ୍ରଦାନ କରାଯିବା ପାଇଁ ଆଲୋଚନା ହୋଇଥିଲା। ସ୍କୁଲ, ଅଙ୍ଗନାୱାଡି କେନ୍ଦ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଅଣ୍ଡା ବିକ୍ରି କରିପାରିବେ। ଏଥିରେ ମିଶନ ଶକ୍ତିର ସଭାନେତ୍ରୀ ନମିତା ବିଶ୍ୱାଳ, ପୂର୍ବତନ ସଭାନେତ୍ରୀ ପ୍ରଭାସି ମିଶ୍ରଙ୍କ ସମେତ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

# ଏନ୍‌ଟିପିସି ସରକାରୀ ଅଂଶଧନ ବିକ୍ରିକୁ ବିରୋଧ



ପ୍ରକଳ୍ପ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ବିକ୍ଷୋଭ କରୁଛନ୍ତି।

କଣିହାଁ, ୨୫।୭(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର କର୍ମଚାରୀମାନେ ଏନ୍‌ଟିପିସିରୁ ସରକାରୀ ଅଂଶଧନ ବିକ୍ରି ଉଦ୍ୟମ ହେଉଥିବା ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି କର୍ମଚାରୀମାନେ ଗୁରୁବାର କଳାବ୍ୟାଜ ପରିଧାନ କରିବା ସହ ପ୍ରକଳ୍ପ ମୁଖ୍ୟ ଫାଟକଠାରେ ବିକ୍ଷୋଭ କରିଛନ୍ତି। ଅଭିଯୋଗ ମୁତାବକ, ଚଳିତ ଆର୍ଥିକ ବର୍ଷ ବଜେଟରେ ବିତ୍ତୀୟ ନିଅଣ୍ଟକୁ କମ୍ କରିବା ପାଇଁ କେନ୍ଦ୍ର ସରକାର ମହାରତ୍ନ ପ୍ରାପ୍ତ ଏନ୍‌ଟିପିସି ପ୍ରକଳ୍ପରୁ ୧୦ ପ୍ରତିଶତ ଅଂଶଧନ ବିକ୍ରି ଯୋଜନା କରିଛନ୍ତି। ଏବେ ଏନ୍‌ଟିପିସିରେ କେନ୍ଦ୍ର ସରକାରଙ୍କ ଅଂଶଧନ ୫୬ ପ୍ରତିଶତ ରହିଛି। ନିୟମ ଅନୁଯାୟୀ ପ୍ରକଳ୍ପରେ ୫୧ ପ୍ରତିଶତରୁ କମ୍ ସରକାରୀ ପୁଞ୍ଜି କମ୍ ରହିଲେ ଏହାର ଘରୋଇକରଣ ହୋଇଯିବ। ତେଣୁ ଏହାର ଦୃଢ ପ୍ରତିବାଦ କରାଯାଇଥିବା କର୍ମଚାରୀ ସଂଘ ଓ ନିର୍ବାହୀ ଅଧିକାରୀ ସଂଘ ତରଫରୁ କୁହାଯାଇଛି। ସରକାର ତୁରନ୍ତ ଏହି ନିଷ୍ପତ୍ତିରୁ ଓହରିବାକୁ ଏନ୍‌ଇଏଫ୍‌ଆଇ ଓ ଆଇଏନ୍‌ଟିୟୁସି ସଭାପତି ଗୋକୁଳାନନ୍ଦ ସ୍ୱାଇଁ, ସତ୍ୟାନନ୍ଦ ସାହୁ ପ୍ରମୁଖ ଦାବି କରିଛନ୍ତି।

# ପୁରୁଣାଗଡ଼ ଗ୍ରାମବାସୀଙ୍କ ରାସ୍ତାରୋକୋ



ଛେଣ୍ଡିପଦା, ୨୫।୭(ସ୍ୱ.ପ୍ର./ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗେଡିଆ ସଜରାସାହିରୁ ପୁରୁଣାଗଡ ଯାଇଥିବା ବାଲିବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କେନାଲ ପୁନରୁଦ୍ଧାର ଓ ହୁଡା ରାସ୍ତା ମରାମତି ଦାବିରେ ଗୁରୁବାର ପୁରୁଣାଗଡ ଗ୍ରାମବାସୀ ବାଗେଡିଆ-ଛେଣ୍ଡିପଦା ୧୪୩ (ବି) ଜାତୀୟ ରାଜପଥ ଅବରୋଧ କରିଥିଲେ। ସକାଳ ୬ଟାରୁ ବହୁ ସଂଖ୍ୟାରେ ମହିଳା ପୁରୁଷ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ବହୁ ଯାନବାହନ ଅଟକି ରହିବା ସହ ଯାତ୍ରୀମାନେ ଅସୁବିଧା ଭୋଗିଥିଲେ।

ସୂଚନା ମୁତାବକ, ବାଲିବନ୍ଧ ପ୍ରକଳ୍ପ ଆରମ୍ଭ ସମୟରେ ଉକ୍ତ କେନାଲରେ ବାଗେଡିଆର ଗ୍ରାମର କେତେକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା ବାବଦ କ୍ଷତିପୂରଣ ରାଶି ପ୍ରଦାନ କରାଯାଇ ନ ଥିବା ବାଗେଡିଆର କ୍ଷତିଗ୍ରସ୍ତ ଅଭିଯୋଗ କରିଥିଲେ। ଗତ ୨୦ ତାରିଖରେ କେନାଲ କାମ ଚାଲିଥିବାବେଳେ କ୍ଷତିଗ୍ରସ୍ତମାନେ ପ୍ରତିବାଦ କରିବାରୁ ଠିକାଦାର କାର୍ଯ୍ୟ ବନ୍ଦ କରିଦେଇଥିଲେ। ହେଲେ କେନାଲର ଆବଶ୍ୟକତା ଦୃଷ୍ଟିରୁ ଏହାର ପୁନରୁଦ୍ଧାର ଓ ହୁଡା ରାସ୍ତା ମରାମତି ଦାବିରେ ପୁରୁଣାଗଡ ଗ୍ରାମବାସୀ ଆନ୍ଦୋଳନ କରିଛନ୍ତି। ୮ ଘଣ୍ଟା ଧରି ରାଜପଥ ଅବରୋଧ ପରେ ଘଟଣାସ୍ଥଳରେ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଓ କ୍ଷୁଦ୍ର ଜଳସେଚନ ବିଭାଗର ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଶିକେଶନ ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ୨୬ ତାରିଖରେ କ୍ଷତିଗ୍ରସ୍ତ ପ୍ରଜା ଓ ଆନ୍ଦୋଳନକାରୀଙ୍କ ସହ ଛେଣ୍ଡିପଦା ତହସିଲ ଅଫିସଠାରେ ଆଲୋଚନା କରାଯାଇ ସେଠାରେ ଜାଗା ଚିହ୍ନଟ କରାଯିବା ସହ କେନାଲ ପୁନରୁଦ୍ଧାର ଓ ହୁଡା ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

■ଉଦ୍ଧାର ନାବାଳିକା ଗଲେ ବାଳାଶ୍ରମ

# ୮ ଦିନ ହେଲା ଥିଲେ ପ୍ରେମିକ ଘରେ

ଅନୁଗୋଳ ଅଫିସ, ୨୫।୭

■ନିଜ ପରିବାର ଲୋକେ ନିର୍ଯାତନା ଦେଉଥିବା କହିଲେ
■ପୂର୍ବରୁ ପ୍ରେମିକଙ୍କ ବିରୋଧରେ କରିଥିଲେ ବଳାତ୍କାର ଅଭିଯୋଗ
■ଗିରଫ ପରେ ଜେଲ୍‌ରେ ଅଛନ୍ତି ପ୍ରେମିକ

ଅନୁଗୋଳ ଜିଲା ବନ୍ତଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପୋଲିସ ତାଙ୍କ ପ୍ରେମିକଙ୍କ ଘରୁ ଉଦ୍ଧାର କରିଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ବନ୍ତଳା ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲା। ହେଲେ ନାବାଳିକା ଜଣକ ଘରକୁ ଫେରିବାକୁ ରାଜି ହୋଇ ନ ଥିଲେ। ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ପ୍ରେମିକଙ୍କୁ ଫସାଇ ଜେଲ୍ ପଠାଇଥିବାରୁ ସେ ଏବେ ପ୍ରେମିକଙ୍କ ଘରେ ରହିବେ ବୋଲି ଜିଦ୍ ଧରିଥିଲେ। ଶେଷରେ ତାଙ୍କୁ ଏକ ବାଳାଶ୍ରମକୁ ପଠାଇ ଦିଆଯାଇଛି।

ନାବାଳିକା ଜଣକ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଯୁକ୍ତ ୨ ରେ ପଢୁଥିବା ତାଙ୍କ ଗାଁର ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀର୍ଘ ଦିନ ହେବ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଥିଲେ ବି ଉଭୟ ପରିବାର ଲୋକେ କିଛି ଜାଣି ନ ଥିଲେ। କିନ୍ତୁ ପ୍ରେମିକା ମାଟ୍ରିକ ପାସ୍ କରିବା ପରେ ଗତ ଏପ୍ରିଲରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇ ଘଟଣା ପଦାକୁ ଆସିଥିଲା। ଏପରି କି ନାବାଳିକା ଜଣକ ପ୍ରେମିକ ତାଙ୍କୁ ହଇରାଣ କରୁଥିବା ଘର ଲୋକଙ୍କ ଆଗରେ ପ୍ରକାଶ କରିଥିଲେ। ଏହାପରେ ନାବାଳିକାଙ୍କ ଭାଇ ସମ୍ପୃକ୍ତ ପ୍ରେମିକଙ୍କୁ ତାଗିଦ୍ କରିଥିଲେ। ପ୍ରେମିକ ଜଣକ ରାଗରେ ମୋବାଇଲରେ ଥିବା ନାବାଳିକାଙ୍କ ଅଶ୍ଳୀଳ ଫଟୋକୁ ତାଙ୍କ ଭାଇଙ୍କ ମୋବାଇଲକୁ ପଠାଇ ଦେଇଥିଲେ। ଏହାପରେ ନାବାଳିକା ପରିବାର ଲୋକମାନେ ଝିଅକୁ ପ୍ରେମିକ ବଳାତ୍କାର କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ନଂ. ୮୦/୧୯ରେ ପୋଲିସ ଏକ ମାମଲା ରୁଜୁ କରି ପ୍ରେମିକଙ୍କୁ କୋର୍ଟଚାଲାଣ କରିଥିଲା। କିନ୍ତୁ ୮ ଦିନ ତଳେ ହଠାତ୍ ନାବାଳିକା ନିଜ ଘର ଛାଡ଼ି ପ୍ରେମିକଙ୍କ ଘରକୁ ଚାଲି ଆସିଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ବନ୍ତଳା ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ହେଲେ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର ପରେ ନାବାଳିକା ଜଣକ ନିଜ ପରିବାର ବିରୋଧରେ ଅନେକ ଅଭିଯୋଗ କରିଥିଲେ। ସେ ଏବେ ବି ସମ୍ପର୍କରେ ଥିଲେ ବି ପରିବାର ଲୋକେ ଜାଣିଶୁଣି ପ୍ରେମିକଙ୍କୁ ଫସାଇ ଦେବା ସହ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। ତେଣୁ ସେ ନିର୍ଯାତନା ସହି ନ ପାରି ପ୍ରେମିକଙ୍କ ଘରକୁ ଚାଲି ଆସିଥିବା କହିଥିଲେ। ସେ ଆଉ ଘରକୁ ଫେରିବାକୁ ଚାହୁଁନାହାନ୍ତି ବୋଲି ଶୁଣାଇଦେବା ପରେ ପରିବାର ଲୋକମାନେ ମଧ୍ୟ ନାବାଳିକାଙ୍କୁ ଆଉ ସାଥିରେ ନେବା ପାଇଁ ମନା କରିଦେଇଥିଲେ। ଫଳରେ ଶିଶୁ ମଙ୍ଗଳ ସମିତିର ଭାରପ୍ରାପ୍ତ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ବନ୍ତଳା ଥାନାର ଜଣେ ମହିଳା ଅଧିକାରୀ ଏକ ବାଳାଶ୍ରମକୁ ପଠାଇ ଦେଇଥିବା ଖବର ମିଳିଛି।

ଏ ସମ୍ପର୍କରେ ସମିତିର ଭାରପ୍ରାପ୍ତ ଅଧ୍ୟକ୍ଷ କହିଛନ୍ତି, ଘରକୁ ଯିବାକୁ ସମ୍ପୃକ୍ତା ନାବାଳିକା ରାଜି ନ ହେବାରୁ ତାଙ୍କୁ ଅନ୍ୟତ୍ର ଥଇଥାନ କରାଯାଇଛି।

ଧରିତ୍ରୀ DHARITRI
ଢେଙ୍କାନାଳ, ଶୁକ୍ରବାର, ୨୬ ଜୁଲାଇ, ୨୦୧୯



## ସଂକ୍ଷେପରେ

### ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ଏଆଇୟୁଟିୟୁସି

**ଅନୁଗୋଳ ଅଫିସ, ୨୫।୭-** ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର କୋଇଲା ଖଣି ଧସି ଜଣେ ଶ୍ରମିକଙ୍କ ମୃତ୍ୟୁ ଓ ତିନି ଶ୍ରମିକ ନିଖୋଜ ହେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି। ଏହି ଘଟଣା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଲାଭଖୋର୍ ମନୋବୃତ୍ତି, ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଚରମ ଅବହେଳା ଓ ଦାୟିତ୍ୱହୀନତାର ପରିଣତି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ମୃତ ଶ୍ରମିକଙ୍କ ପରିବାରକୁ ସର୍ବନିମ୍ନ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବା ସହିତ ପରିବାରର ଜଣକୁ ନିଯୁକ୍ତି, ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ, ଶ୍ରମିକ କର୍ମଚାରୀଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଏଆଇୟୁଟିୟୁସି ଜିଲା କମିଟି ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ ଓ ସମ୍ପାଦକ ବ୍ରଜବନ୍ଧୁ ସାହୁ ଦାବି କରିଛନ୍ତି।

### ପୋଲିସ, ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହୁ



**ବଇଣ୍ଡା, ୨୫।୭(ଡି.ଏନ.ଏ.)-** ଗ୍ରାମାଞ୍ଚଳରେ ଅପରାଧ ବୃଦ୍ଧି ପାଉଛି। ଏଥିପ୍ରତି ଜନସାଧାରଣ ସଚେତନ ହେବା ସହ ପୋଲିସ ସହ ସୁସମ୍ପର୍କ ରଖି ଅପରାଧୀଙ୍କ ସମ୍ପର୍କରେ ସୂଚନା ଦେଲେ ଅପରାଧ ହ୍ରାସ ପାଇବ ବୋଲି ବୁଧବାର କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ସଭାଗୃହ ପରିସରରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ମତପ୍ରକାଶ ପାଇଛି। ପରମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସରପଞ୍ଚ ଅଶୋକ କୁମାର ପ୍ରଧାନ, ହଣ୍ଡପା ଥାନା ଆଇଆଇସି ଲବ ବୋଡ଼ା, ପ୍ରସନ୍ନ ପ୍ରଧାନ, ଚଗଲା ମାଝି, ସିଲୁ ନାୟକ, ଭିକାରି ମାଝି, ଲିଲି ସାହୁ, ମୋହନ ପ୍ରଧାନ, ଦାମୋଦର ପ୍ରଧାନ, ହିମାଂଶୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ଅକ୍ଟୋବର ୨ରେ 'ଆମ ଘର' ଉଦ୍‌ଘାଟନ

**ବନ୍ତଲା, ୨୫।୭ (ଡି.ଏନ.ଏ.)-** ଅନୁଗୋଳ ଜିଲା ବନ୍ତଲା ଥାନା କରତପଟା ଜରାନିବାସ 'ଆମ ଘର' ଉଦ୍‌ଘାଟନ ପାଇଁ ଅମଲାପଡାଠାରେ ବୁଧବାର ଏକ ବୈଠକ ବସିଥିଲା। 'ଆମ ଘର' ସଭାପତି ବଂଶୀଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ମହେଶ ସାହୁଙ୍କ ପାଣ୍ଠିରୁ ଘର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ମିଳିଥିବାରୁ କମିଟି ତରଫରୁ ଧନ୍ୟବାନ ଦିଆଯାଇଥିଲା। ଏଥିସହ ଆସନ୍ତା ଅକ୍ଟୋବର ୨ରେ 'ଆମ ଘର' ଉଦ୍‌ଘାଟନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ନୂତନ ସମ୍ପାଦକ ନିର୍ବାଚନ ହୋଇଥିଲା। ବୈଠକରେ ସୁରେଶ ପ୍ରଧାନ, ତ୍ରିନାଥ ସାହୁ, ଦିନେଶ ଦେହୁରୀ, ଗିରିଶ ପ୍ରଧାନ, ରାକେଶ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଚୂନକାଳି ଲଗାଇ ବୁଲାଇବା ଚର୍ଚ୍ଚା

**ଛେଣ୍ଡିପଦା, ୨୫।୭(ସ୍ୱ.ପ୍ର.)-** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ କଙ୍ଗାରୁ କୋର୍ଟ ବସିବା ଓ ଜଣେ ମହିଳାଙ୍କୁ ଗୁରୁବାର ଚୂନକାଳି ଲଗାଇ ବୁଲାଯାଇଥିବା ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ମୁତାବକ, ସପ୍ତାହେ ତଳେ କୌଣସି କାରଣରୁ ସମ୍ପୃକ୍ତା ମହିଳା ଓ ତାଙ୍କ ଶାଶୁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ବୋହୂ ଜଣକ ଶାଶୁଙ୍କ ପାଟିରେ ନିଆଁ ଖୁଣ୍ଟା ମାରିଦେଇଥିଲେ। ଏଥିରେ ଶାଶୁ ଗୁରୁତର ହେବା ସହ ୩ ଦିନ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗ୍ରାମବାସୀ କଙ୍ଗାରୁ କୋର୍ଟ ବସାଇ ସମ୍ପୃକ୍ତା ମହିଳାଙ୍କ ମୁହଁରେ ଚୂନକାଳି ଲଗାଇ ଗାଁ ଦାଣ୍ଡରେ ବୁଲାଇଥିବା ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି, ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

---

ଏମ୍‌ସିଏଲ୍ ଭରତପୁର ଖଣି ଦୁର୍ଘଟଣା

# ବର୍ଷା, ଅତଡ଼ା ଖସିବାରୁ ବାଧା

**ତାଳଚେର, ୨୫।୭(ନି.ପ୍ର.)**

- କାର୍ଯ୍ୟରେ ଲାଗିଛନ୍ତି ଏନ୍‌ଡିଆର୍‌ଏଫ୍ ଟିମ୍
- ଦବି ରହିଥିବା ଶ୍ରମିକଙ୍କ ସନ୍ଧାନ କରିପାରିଲାନି ସନ୍ଧାନୀ କୁକୁର
- ଖଣି ମଧ୍ୟକୁ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ
- ଘଟଣାସ୍ଥଳ ପରିଦର୍ଶନ କଲେ ଡିଜିଏମ୍‌ଏସ୍

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଭରତପୁର ଖଣିରେ ଖସିପଡ଼ିଥିବା କୋଇଲା ଅତଡା ତଳେ ମଙ୍ଗଳବାର ରାତିରୁ ଚାପି ହୋଇ ରହିଥିବା ୩ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ଗୁରୁବାର ପୂର୍ବାହ୍ନରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ରାସ୍ତା ନିର୍ମାଣ କରାଯାଉଥିଲେ ହେଁ ବର୍ଷା ଯୋଗୁ ସେଥିରେ ବାଧା ଉପୁଜିଛି। ଏଥିସହ ପୁଣି ଏକ ବଡ ମାଟି ଅତଡା ଖସି ପଡିବାରୁ ସମସ୍ୟା ବଢ଼ିଯାଇଛି। ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲେ ବି କିଛି ସୁଫଳ ମିଳିନାହିଁ। ଘଟଣାସ୍ଥଳରେ ଏମ୍‌ସିଏଲ୍‌ର ଡାଇରେକ୍ଟର ଟେକ୍ନିକାଲ ଜେ.ପି. ସିଂ, ଡାଇରେକ୍ଟର ପର୍ସନାଲ କେ.ଆର. ବାସୁଦେବନ, ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍ଟି (ଡିଜିଏମ୍‌ଏସ୍) ସୁବ୍ରତ ବାଗଚୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।



ସନ୍ଧାନୀ କୁକୁର ସହାୟତାରେ କୋଇଲା ତଳେ ଦବିଯାଇଥିବା ଶ୍ରମିକଙ୍କୁ ଖୋଜା ଚାଲିଛି।

ବୁଧବାର ଅପରାହ୍ନରେ ଜଣେ ଶ୍ରମିକ ପିପୁନ ବିଶ୍ୱାଳଙ୍କ ମୃତଦେହ ବାହାର କରାଯିବା ପରେ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଗୁରୁବାର ସକାଳୁ ପୁଣି କାର୍ଯ୍ୟ ଚାଲୁ କରାଯାଇଥିଲା। କେଉଁ ସ୍ଥାନରେ ଅନ୍ୟ ୩ ଶ୍ରମିକ ସୁପରଭାଇଜର ରଶ୍ମିରଞ୍ଜନ ବେହେରା, ସିକ୍ୟୁରିଟି ଗାର୍ଡ ରମେଶ ଦାସ ଓ ପମ୍ପ ଖଲାସୀ କାର୍ତ୍ତିକେଶ୍ୱର ମହାପାତ୍ର ଦବି ରହିଛନ୍ତି ତାହା ଜାଣିବାକୁ ଏନ୍‌ଡିଆର୍‌ଏଫ୍ ଟିମ୍‌ର ୩୫ ସଦସ୍ୟ, ରେସକ୍ୟୁ ଟିମ୍ ଖଣି ମଧ୍ୟକୁ ପ୍ରବେଶ କରିଥିଲେ। ୬ଜଣ ସଦସ୍ୟ ୨ଟି ସନ୍ଧାନୀ କୁକୁରର ସହାୟତା ନେଇ ସ୍ଥାନ ଚିହ୍ନଟ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସଫଳ ହୋଇ ପାରି ନ ଥିଲେ। ମାଟି ଓ ବଡ ବଡ ପଥର ହଟାଇବା ପରେ ଉଦ୍ଧାର କାର୍ଯ୍ୟ ସହଜ ହେବ ବୋଲି ନିଷ୍ପତ୍ତି ନିଆଯିବାରୁ ଖଣି ଭିତରକୁ ଭାରିଯାନ ଯିବା ପାଇଁ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। କିନ୍ତୁ ବର୍ଷା ଓ ପୁଣି ମାଟି ଅତଡ଼ା ଖସିବା ଏଥିରେ ବାଧକ ସାଜିଛି। ଦିନ ତମାମ ନିର୍ମାଣ କରାଯାଇଥିବା ରାସ୍ତା ବର୍ଷାରେ ଧୋଇ ଯାଇଥିବା ବେଳେ ଖଣିରୁ ପାଣି ନିଷ୍କାସନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ନିର୍ମାଣ କରାଯାଇଛି। ଅଧିକ ବର୍ଷା ହେଲେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେବ। ଅପରପକ୍ଷରେ ଉଦ୍ଧାର ପିପୁନ ବିଶ୍ୱାଳଙ୍କ ମୃତଦେହକୁ ରାତିରେ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଖଣିରେ ଦବି ରହିଥିବା ଅନ୍ୟ ୩ଜଣଙ୍କୁ ତୁରନ୍ତ ଉଦ୍ଧାର କରାଯିବା, କ୍ଷତିଗ୍ରସ୍ତ ପରିବାରକୁ ଉଚିତ କ୍ଷତିପୂରଣ ସହ ଜଣକୁ ନିଯୁକ୍ତି, ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ଓ କଂଗ୍ରେସ ପକ୍ଷରୁ ଖଣିବନ୍ଦ ଆନ୍ଦୋଳନ କରାଯାଇଛି। ଫଳରେ ତାଳଚେର କୋଲ୍ ଫିଲ୍ଡସରେ ଅଚଳାବସ୍ଥା ଦେଖାଦେଇଛି।

### ନିୟମ ଅନୁଯାୟୀ କ୍ଷତିପୂରଣ: ଏମ୍‌ସିଏଲ୍

**ତାଳଚେର, ୨୫।୭(ନି.ପ୍ର.)**

ଭରତପୁର ଖଣି ଦୁର୍ଘଟଣା ସମ୍ପର୍କରେ ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି ଯେ, ୩ ନିଖୋଜ ଶ୍ରମିକଙ୍କ ଉଦ୍ଧାର ନିମନ୍ତେ ଉଦ୍ୟମ ଚାଲିଛି। ଏନ୍‌ଡିଆର୍‌ଏଫ ଓ ମାଇନ୍ସ ରେସକ୍ୟୁ ଟିମ୍ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ବର୍ଷା ଯୋଗୁ ଗୁରୁବାର ଅପରାହ୍ନଠାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ନିୟମ ଅନୁସାରେ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି।

### ଅବହେଳାକୁ ଦାୟୀ କଲା ବିଏମ୍‌ଏସ୍

**ତାଳଚେର, ୨୫।୭(ନି.ପ୍ର.)**

ଖଣି କର୍ତ୍ତୃପକ୍ଷଙ୍କ ବ୍ୟାପକ ଅବହେଳା ଓ ଖଣି ସୁରକ୍ଷା ନିର୍ଦ୍ଦେଶାଳୟର ପରିଦର୍ଶନ ଅଭାବରୁ ଏପରି ଦୁର୍ଘଟଣା ଘଟିଥିବା ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଇଣ୍ଡଷ୍ଟ୍ରିଆଲ ୟୁନିଟ୍ ଏବିକେଏମ୍‌ଏସ୍ (ଅଖିଳ ଭାରତୀୟ ଖାଦାନ ମଜଦୁର ସଂଘ)ର କୋଲ ଇଣ୍ଡିଆ ସୁରକ୍ଷା ପରିଷଦ ସଦସ୍ୟ ବ୍ରଜେନ୍ଦ୍ର କୁମାର ରଏ ଏବଂ ସଂଘ ସଭାପତି ନଗେନ୍ଦ୍ର ସିଂଙ୍କ ନେତୃତ୍ୱରେ ଆସିଥିବା ଏକ ବିଶେଷଜ୍ଞ ଦଳ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ମତ ଦେଇଛନ୍ତି। ଏ ନେଇ କୋଇଲା ମନ୍ତ୍ରୀ, ନିର୍ଦ୍ଦେଶକ, ଖଣି ସୁରକ୍ଷା ନିର୍ଦ୍ଦେଶାଳୟକୁ ରିପୋର୍ଟ ଦିଆଯିବ ବୋଲି ବିଏମ୍‌ଏସ୍ ପକ୍ଷରୁ କୁହାଯାଇଛି। ଏହି ବିଶେଷଜ୍ଞ ଦଳରେ ଏମ୍‌ସିଏଲ୍ ସେଫ୍ଟି ବୋର୍ଡ ସଦସ୍ୟ ସୁଦର୍ଶନ ମହାନ୍ତି, ସଂଘ ସମ୍ପାଦକ ସଞ୍ଜୟ ମାଝି, ବିଭୂତି ପ୍ରଧାନ, ଶମ୍ଭୁନାଥ ନାହାକ, ଶ୍ରମିକ ନେତା ଶ୍ରୀନିବାସ ରାଓ, ଶ୍ରୀନିବାସ ଖୁଣ୍ଟିଆ ଓ ବାଦଲ ମହାରଣା ସାମିଲ ଥିବା ତାଳଚେର କୋଇଲା ଖଣି ମଜଦୁର ସଂଘ ସାଧାରଣ ସମ୍ପାଦକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।



ଖଣି ଭିତରେ ଉଦ୍ଧାର କାର୍ଯ୍ୟ ଚାଲିଛି।





### ଆଲୋଚନା ବିଫଳ, ଆନ୍ଦୋଳନ ଜାରି



**ତାଳଚେର, ୨୫।୭(ନି.ପ୍ର.)**

୫ ଦଫା ଦାବି ନେଇ ଭାଜପା ଚଳାଇଥିବା ଖଣିବନ୍ଦ ଆନ୍ଦୋଳନର ସମାଧାନ ନିମନ୍ତେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ରାଜେନ୍ଦ୍ର ସିଂ, ଏମସିଏଲ ଡି.ଟି. ଓ.ପି. ସିଂ, ଡି.ପି. ବାସୁଦେବନ, ଜଗନ୍ନାଥ, ଭରତପୁର ଏବଂ ଅନ୍ୟ ଖଣିକ୍ଷେତ୍ରର ମହାପ୍ରବନ୍ଧକଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଦୀର୍ଘ ସମୟ ଧରି ଆଲୋଚନା ସତ୍ତ୍ୱେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଯେ ପର୍ଯ୍ୟନ୍ତ ଶ୍ରମିକଙ୍କ ସୁରକ୍ଷା ପ୍ରସଙ୍ଗକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇ ନାହିଁ, ସେ ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଭାଜପା ପକ୍ଷରୁ ବୈଠକରେ ସ୍ପଷ୍ଟ କରି ଦିଆଯାଇଥିଲା। ଫଳରେ ବୈଠକ ବିଫଳ ହୋଇଥିଲା।

### ମଦ ଜବତ, ୩ ଗିରଫ

**ଛେଣ୍ଡିପଦା, ୨୫।୭(ସ୍ୱ.ପ୍ର.)**

ଅନୁଗୋଳ ଅବକାରୀ ବିଭାଗ ଗୁରୁବାର ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ, ବାହାଳସାହି ଓ ଛେଣ୍ଡିପଦା ଗ୍ରାମରେ ଚଢ଼ାଉ କରି ୪୦ ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଛେଣ୍ଡିପଦାର ବାବୁ ବେହେରା, ବାହାଳସାହି ପଞ୍ଚାୟତର ଗୁଣ୍ଡୁ ବେହେରା ଓ ବ୍ରାହ୍ମଣବିଲ ପଞ୍ଚାୟତର କ୍ଷୀରୋଦ ଦେହୁରୀ। ଅବକାରୀ ଇନ୍ସପେକ୍ଟର କରୁଣା ଶଙ୍କର ତିୱାରୀଙ୍କ ନେତୃତ୍ୱରେ ଅବକାରୀ ଏସ୍‌ଆଇ ଅରବିନ୍ଦ ରାଉତରାୟ, ଏଏସ୍‌ଆଇ ବିଜୟ କୁମାର ସାମଲ ପ୍ରମୁଖ ଚଢ଼ାଉ କରିଥିଲେ।

### ଫଟୋରେ ଖବର




ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଲାଗିଥିବା ଅଭିଯୋଗ ବାକ୍ସ ଦୀର୍ଘ ଦିନ ହେଲା ଖୋଲା ହୋଇ ନ ଥିବାବେଳେ ତାହା ମଧ୍ୟରେ ଦିଆସିଲ, ଗୁଟଖା ଜରି ଆଦି ପକାଯାଇଛି। (ଫଟୋ-ବୁବୁ)

### ହିଙ୍ଗୁଳା ମନ୍ଦିର ନିର୍ମାଣ ପାଇଁ ଅର୍ଥଦାନ

**ତାଳଚେର, ୨୫।୭(ନି.ପ୍ର.)**

ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପରିକଳ୍ପିତ ନୂତନ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ବହୁ ଶ୍ରଦ୍ଧାଳୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଶିଳ୍ପାନୁଷ୍ଠାନ ଅର୍ଥଦାନ କରୁଛନ୍ତି। ଏହି ଅବସରରେ ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ମଝିକା ଗ୍ରାମର ସନ୍ତୋଷ କୁମାର ପ୍ରଧାନ ଓ ତାଙ୍କ ସ୍ତ୍ରୀ ସୀତା ବେହେରାଙ୍କ ପକ୍ଷରୁ ମନ୍ଦିର ପାଣ୍ଠିକୁ ପଚାଶ ହଜାର ଟଙ୍କା ଅର୍ଥଦାନ କରାଯାଇଛି। ଏହି ଅର୍ଥ ପ୍ରଦାନ ବେଳେ ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ, ସଞ୍ଜୟ କୁମାର ସାହୁ, ଜୀବନ ସାହୁ ଓ ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦମ୍ପତିଙ୍କ ଏଭଳି ମହତ୍ ଦାନକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଇଛି।



ଦମ୍ପତି ମନ୍ଦିର ନିର୍ମାଣ ପାଇଁ ଅର୍ଥଦାନ କରୁଛନ୍ତି।

ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲା କଂଗ୍ରେସ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କଂଗ୍ରେସ କର୍ମକର୍ତ୍ତାମାନେ ଗଣଧାରଣା ଦେଇଛନ୍ତି।

**ଅନୁଗୋଳ ଅଫିସ, ୨୫।୭**

ରାଜ୍ୟରେ ବୃଦ୍ଧି ପାଉଥିବା ନାବାଳିକା ବଳାତ୍କାର, ନାରୀ ନିର୍ଯାତନା, ଶିଶୁ ଅପହରଣ ଆଦିର ପ୍ରତିବାଦରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଏହାପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ଦେବାକୁ ଯିବା ସମୟରେ କଂଗ୍ରେସ କର୍ମୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା।

ରାଜ୍ୟରେ ୧୯ ବର୍ଷ ହେବ ନବୀନ ସରକାର ଥିଲେ ମଧ୍ୟ ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା ଅଭିଯୋଗ କରିଥିଲେ। ପିସିସି ଉପସଭାପତି ତଥା ମୁଖପାତ୍ର ସସ୍ମିତା ବେହେରା କହିଥିଲେ, ଦୈନିକ ୬ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଅନୁଗୋଳରେ ଚଳିତବର୍ଷ ଦୁଇଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ ହତ୍ୟା ଉଦ୍ୟମ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ଥିବା ଦୁଇଟି ମୃତଦେହରୁ ଆଖି ଗାଏବ ହୋଇଯିବା ଘଟଣା ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୌରାଞ୍ଚଳରେ ସଫେଇ କାର୍ଯ୍ୟ ତ୍ୱରାନ୍ୱିତ ହେଉ ନ ଥିବାରୁ ତୁରନ୍ତ ସମସ୍ତ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସେହିପରି ତାଳଚେର କୋଇଲା ଖଣି ତଳେ ଦବି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଏମ୍‌ସିଏଲ୍ ଜିଏମ୍‌ଙ୍କ ନାମରେ ଥାନାରେ ମାମଲା କରାଯିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ପୂର୍ବତନ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଜିଲା ଓବିସି ସେଲ ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ, ଜିଲା ଉପସଭାପତି ଦିଲୀପ କୁମାର ରାଉତ, ଉତ୍ତମ ସାହୁ, ଜୋନ୍ ସଭାପତି ଅମୂଲ୍ୟ ବେହେରା ପ୍ରମୁଖ ବହୁ କର୍ମୀ ଗଣଧାରଣାରେ ସାମିଲ ହୋଇଥିଲେ।




## ଯୌତୁକ ନିର୍ଯାତନା ଅଭିଯୋଗ

**କଣିହାଁ/ବଅଁରପାଳ, ୨୫।୭ (ଡି. ଏନ୍.ଏ)**

ଅନୁଗୋଳ ଜିଲା ରେଙ୍ଗାଳି ଥାନା ସୁନ୍ଦରପାଳ ଗ୍ରାମର ଖୁଲଣା ନାଏକ(୧୯)ଙ୍କୁ ଶାଶୁଘରେ ଯୌତୁକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ସୁନ୍ଦରପାଳର ଭବାନୀ ନାଏକ ୨୦୧୮ରେ କଣିହାଁ ଥାନା ଡେରେଙ୍ଗ ଗ୍ରାମର ଖୁଲଣାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ମାସେ ପରେ ୫୦ ହଜାର ଟଙ୍କା ଓ ଏକ ବାଇକ୍ ଆଣିବାକୁ କହି ଖୁଲଣାଙ୍କ ସ୍ୱାମୀ, ଶାଶୁ ମିଶି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକ୍ରମେ ପୋଲିସ ନଂ. ୭୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସେହିପରି ବଅଁରପାଳ ଥାନା ପୁରିକିଆ ଗ୍ରାମର ମନୋରଞ୍ଜନ ମହାନ୍ତି ସ୍ତ୍ରୀ ଦୀପା (୨୫)ଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ଗୁରୁବାର ଅଭିଯୋଗ ହୋଇଛି। ମନୋରଞ୍ଜନ ୫ବର୍ଷ ତଳେ ଦୀପାଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ପରେ ସ୍ୱାମୀଙ୍କ ସହ ଶ୍ୱଶୁର ଯୁଗଳ ମହାନ୍ତି, ଶାଶୁ ଟୁନି ମହାନ୍ତି, ଦିଅର, ନଣନ୍ଦ ମିଶି ଯୌତୁକ ଦାବି କରିବା ସହ ମାରପିଟ୍ କରୁଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ନଂ. ୧୬୧/୧୯ରେ ମାମଲା ରୁଜୁ କରାଯାଇଛି।




## ସଂକ୍ଷେପରେ

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**କାମାକ୍ଷାନଗର, ୨୫।୭(ଡି.ଏନ.ଏ.)**
କାମାକ୍ଷାନଗର ଥାନା ସମାଟାଙ୍ଗୀ ଗ୍ରାମର ରାମକୃଷ୍ଣ ସାହୁଙ୍କ ସ୍ତ୍ରୀ ନର୍ମଦା (୨୫) ଗୁରୁବାର ଅପରାହ୍ଣରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ସେ କୀଟନାଶକ ପିଇଦେଇଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ଏକ ଅଟୋରିକ୍ସାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମଦ ଜବତ, ୨ ଗିରଫ

**ଭୁବନ,୨୫।୭(ଡି.ଏନ.ଏ.)-**
କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଭୁବନ ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ନୀଳକଣ୍ଠପୁର ଗ୍ରାମର ପ୍ରମୋଦ ସେଠୀ (୩୮) ଏବଂ ଗରୁଡ଼ନ୍ଦି ଗ୍ରାମର ବିଦ୍ୟାଧର ବେହେରା(୫୫)ଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୩୦/୧୯ ଏବଂ ନଂ. ୪୦/୧୯ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଏସ୍ଆଇ ସ୍ୱପ୍ନାରାଣୀ ସାହୁ ସୂଚନା ଦେଇଛନ୍ତି।

# ଚିନାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

**ପରଜଙ୍ଗ, ୨୫।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ଭେଜିଆ ୩ନଂ. କଲୋନୀର ଅସହାୟ ଚିନା ନାୟକ (୮୧)ଙ୍କ ନିକଟରେ ପହଞ୍ଚିଛି ପ୍ରଶାସନ। ତାଙ୍କୁ ଦିଆଯାଇଛି ୭୦୦ ଟଙ୍କା ଭତ୍ତା। ସରପଞ୍ଚ ଦେଇଛନ୍ତି ୧୦ କେଜି ଚାଉଳ। ଖୁବ୍ ଶୀଘ୍ର ଆବାସ ଯୋଜନାରେ

- **ଜେନେରେଟର ଲଗାଇ ଆଧାର କାର୍ଡ ପଞ୍ଜୀକରଣ କରାଗଲା**
- **ମିଳିଲା ୭୦୦ଟଙ୍କା ଭତ୍ତା, ସରପଞ୍ଚ ଦେଲେ ୧୦ କେଜି ଚାଉଳ**

ଘର ମଧ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବିଡିଓ। ଜିଲାପାଳଙ୍କ ନିକଟରେ ଇଚ୍ଛା ମୃତ୍ୟୁ ଆବେଦନ କରିଥିବା ଚିନାଙ୍କୁ ଏଣିକି ଆଉ କୌଣସି ସମସ୍ୟା ହେବନାହିଁ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେବା



ପରେ ତାଙ୍କ ମୁହଁରେ ଫୁଟିଛି ହସ ଏବଂ ଏଥିପାଇଁ ସେ ଧନ୍ୟବାଦ ଦେଇଛନ୍ତି 'ଧରିତ୍ରୀ'କୁ।

ଭେଜିଆ ୩ନଂ. କଲୋନୀରେ ରୁହନ୍ତି ଚିନା। ତାଙ୍କର ସନ୍ତାନସନ୍ତତି କେହି ନାହାନ୍ତି। ସ୍ୱାମୀଙ୍କ ମୃତ୍ୟୁପରେ ସେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିଲେ। ଏପରି କି କୌଣସି ଗୋଟିଏ ବି ସରକାରୀ ଯୋଜନାରେ ତାଙ୍କୁ ସାମିଲ କରାଯାଇ ନ ଥିଲା। ଦୁର୍ଦ୍ଦିନରେ ବଞ୍ଚିବା ଅପେକ୍ଷା ମରିଯିବା ଭଲ ବୋଲି ବିଚାର କରି ସେ ଜିଲାପାଳଙ୍କ ନିକଟରେ ଇଚ୍ଛାମୃତ୍ୟୁ ଆବେଦନ କରିଥିଲେ। ଗୁରୁବାର ଏହି ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଥିଲା। ଆଡ଼ ଆଖିରେ ଚାହୁଁ ନ ଥିବା ପ୍ରଶାସନିକ ଅଧିକାରୀ ଦିନତମାମ ଡେରା ପକାଇଥିଲେ ଚିନାଙ୍କ ଘରେ।

**'ଧରିତ୍ରୀ' ପ୍ରଭାବ**

ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଳିଆ ହାଁସଦା ପ୍ରଥମେ ତଦନ୍ତ କରିବା ପରେ ବୃଦ୍ଧା ଜଣକ ଯୋଗ୍ୟତା ଥାଇ ସରକାରୀ ଯୋଜନାରୁ ବଞ୍ଚିତ ରହିଥିବା ଜଣାପଡ଼ିଥିଲା। ଏହାପରେ ରିଲିଫ୍ କୋଡ୍ ଅନୁଯାୟୀ ସରପଞ୍ଚ ପ୍ରଦୀପ ବେହେରା ତାଙ୍କୁ ୧୦ କେଜି ଚାଉଳ ଯୋଗାଇ ଦେଇଛନ୍ତି। ଚିନା ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ସକ୍ଷମ ନ ଥିବାରୁ ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଘରେ ହିଁ ଆଧାରକାର୍ଡ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଥିଲା। ହେଲେ ଏଥିରେ କଣ୍ଟା ସାଜିଥିଲା ବିଦ୍ୟୁତ୍। ସରପଞ୍ଚଙ୍କ ଉଦ୍ୟମରେ ଜେନେରେଟର ସୁବିଧା କରାଯିବା ପରେ ଆଧାରକାର୍ଡ ପଞ୍ଜୀକରଣ ହୋଇଛି। ଆଧାର କାର୍ଡ ଆସିବାପରେ ତାଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ ପ୍ରତିମାସରେ ୧୦ କେଜି ଚାଉଳ ମାଗଣାରେ ଯୋଗାଇ ଦିଆଯିବ। ଏଥିସହ ସେ ନିୟମିତ ଭତ୍ତା ପାଇବେ ବୋଲି ବିଡିଓ କହିଛନ୍ତି।

## ଜଳିଗଲା ଟ୍ରାନ୍ସଫର୍ମର

**ବଅଁରପାଳ, ୨୫।୭(ଡି.ଏନ.ଏ.)**

ବଅଁରପାଳ ବ୍ଲକ କାଣ୍ଡସର ସ୍କୁଲ ସାହି ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏହି କାରଣରୁ ଟ୍ରାନ୍ସଫର୍ମରରେ ବିସ୍ଫୋରଣ ହୋଇଥିଲା। ଏହା ପ୍ରଭାବରେ ନିକଟରେ ଥିବା କେବୁଲ ମଧ୍ୟ ଜଳିଯାଇଛି। ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହେବାପରେ ୨ସାହିକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ